ସୋମବାର, ଫେବୃଆରୀ ୨୨, ୨୦୧୦

ପ୍ରଗତିବାଦୀ

ପୃଷ୍ଠା- ୧୦

## ଆଇବିସିଏସ୍‌ରେ କନ୍‌ଭରଜେନ୍ସ-୧୦

# ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ:ରାଜସ୍ୱ ମନ୍ତ୍ରୀ




**ଭୁବନେଶ୍ୱର,ତା୨୧।୨(ପିଏନ୍‌ଏସ୍):** ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ ବୋଲି ରାଜସ୍ୱ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଣ୍ଡ୍ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ବାର୍ଷିକୋତ୍ସବ କନଭରଜେନ୍ସ-୧୦ରେ ପ୍ରକାଶ କରିଛନ୍ତି । ସରକାର କମ୍ପାନୀମାନଙ୍କ ନିମନ୍ତେ ନିବେଶ ପରିବେଶ ସୃଷ୍ଟି କରାଉଛନ୍ତି । ଖଣିଜ ସମ୍ପଦରେ ଭରପୁର ଓଡ଼ିଶାରେ ୨୫ ଭାଗ ଆଇରନ ଏବଂ ୨୮ ଭାଗ କୋଇଲା ଗଚ୍ଛିତ ରହିଛି । ସାମ୍ପ୍ରତିକ ବିଶ୍ୱରେ ଗନ୍ତବ୍ୟ ସ୍ଥଳ ଏବଂ ନିଯୁକ୍ତି ଆଉ ସମସ୍ୟା ହୋଇନାହିଁ । ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା ବଢିଯାଇଛି । ଏସବୁକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ ରଖିବାକୁ ହେବ । ଏହାଛଡା ଭବିଷ୍ୟତର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେବାକୁ ପଡିବ ବୋଲି ମଧ୍ୟ ସେ କହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ସାଂସଦ ପ୍ରସନ୍ନ ପାଟଶାଣୀ, ଆଇବିଏମ୍‌ର ମୁଖ୍ୟ ବି.ଏସ. ଗଣେଶ, ଏକାମ୍ର ବିଧାୟକ ଅଶୋକ ପଣ୍ଡା, ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ପ୍ରଫେସର ଏମ୍.ପି. ଜୈନ, ଡିନ ପ୍ରଫେସର ଶୁଭାଶିଷ ଦାସ, ନିର୍ଦ୍ଦେଶକ ଏସ.କେ. ପାଢୀ ଏବଂ କନ୍‌ଭେନର ଆର.ସି. ପାତ୍ର ପ୍ରମୁଖ ଉପସ୍ଥିତଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ,ସଂଗୀତ ଏବଂ ଫ୍ୟାଶାନ ଶୋ ଅନୁଷ୍ଠିତ ହୋଇଯାଇଛି । ଶନିବାର କନ୍‌ଭରଜେନ୍ସ-୧୦ର ଦ୍ୱିତୀୟ ସନ୍ଧ୍ୟାରେ ଫେମ୍ ଗୁରୁକୁଳର ବିଜେତା ରେହାନ୍ ଖାନ୍ ଏବଂ ସନସିଲ୍କ ଗ୍ୟାଙ୍ଗ ଅଫ୍ ଗର୍ଲସର ବିଜେତା ଆମ୍ବିଲି ମେନନ୍ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ । ଅନୁଷ୍ଠାନ ତରଫରୁ ସମସ୍ତ ଅତିଥିଙ୍କୁ ମେମେଣ୍ଟୋ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋଜରଞ୍ଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।